# ଚତୁର୍ଥ ସର୍ଗ ଗୀତ ୧



*ଯମୁନା-ତୀର-ବାନୀର-ନିକୁଞ୍ଜେ ମନ୍ଦମାସ୍ଥିତମ୍।*
*ପ୍ରାହ ପ୍ରେମଭରୋଦ୍‌ଭ୍ରାନ୍ତଂ ମାଧବ ରାଧିକା-ସଖୀ।*

ଯମୁନାତୀର ବେତସକୁଞ୍ଜେ ମୁରାରି। ରାଧିକାର ସ୍ନେହଭାବ ମନେ ସୁମରି।
ବିରହ ତାପରେ ଅତି ବିଷାଦ ହୋଇ। ବସିଛନ୍ତି ଯଦୁପତି ଶିର ନୁଆଇଁ।
ଏସନ ସମୟେ ଆସି ମିଳେ ସଜନୀ। ରାଧାର ବିରହ ଯେତେ କହଇ ଘେନି।

ଅତ୍ୟନ୍ତ ପ୍ରେମ ଓ ସ୍ନେହରେ ଉଦ୍‌ବିଗ୍ନମନା ହୋଇ ବେତସକୁଞ୍ଜରେ ଶ୍ରୀରାଧାଙ୍କ ମାନଭଞ୍ଜନ ଲାଗି କ୍ଷୁନ୍ନ ହୋଇ ବସିଥିବା ମାଧବ ଶ୍ରୀକୃଷ୍ଣଙ୍କୁ ଦେଖି ଶ୍ରୀରାଧାଙ୍କ ପ୍ରିୟସଖୀ ତାଙ୍କୁ କହିଥିଲେ –

*When Mādhava sits anxiously in a clump of reeds on the bank of Ẏamunā, feeling the pangs of ardent passion, Rādhikā's maid speaks to Him thus:*



*ନିନ୍ଦତି ଚନ୍ଦନମିନ୍ଦୁ-କିରଣମନୁ-ବିନ୍ଦତି ଖେଦମଧୀରମ୍।*
*ବ୍ୟାଳ-ନିଳୟ-ମିଳନେନ ଗରଳମିବ କଳୟତି ମଳୟ-ସମୀରମ୍।*
*ସା ବିରହେ ତବ ଦୀନା।*
*ମାଧବ ମନସିଜ-ବିଶିଖ-ଭୟାଦିବ ଭାବନୟା ତ୍ୱୟି ଲୀନା।ଧ୍ରୁବଂ।*

---

ଶୁଣ ତୁ ମାଧବ! ମୋର ରାଧିକାସଖୀ। ତୋହରି ବିରହେ ଅତି ହୋଇଛି ଦୁଃଖୀ।
ମନ୍ମଥଶର ଭୟରେ ଆରତ ହୋଇ। ଭାବଇ ଚୈତନ୍ୟମନ ତୋତେ ହିଁ ଦେଇ।
ନିନ୍ଦଇ ଚନ୍ଦନ ଚନ୍ଦ୍ରକିରଣ ଚାହିଁ। ଅତିତାପେ ମନେ ଧଇର୍ଯ୍ୟ ନ ଧରଇ।
ମଳୟ ପବନ ଲାଗି ମୋ ସଖୀ ଦେହ। ଗରଳ ଜ୍ୱାଳାର ପ୍ରାୟ କରଇ ଦାହ।
ବିଚାରଇ ସଖୀ ସେ ଚନ୍ଦନ କନ୍ଦର। କାଳସର୍ପ ସଦନ ତହିଁର ଉପର।
ତା'ର ବିଷଜ୍ୱାଳା ଘେନି ବହୁଛି ଏହି। ତେଣୁ ସେ ଜୀବନ ମୋର ଦେଉଛି ଦହି।

---

ହେ ମାଧବ, ତୁମ ବିରହବେଦନାରେ ତଥା କାମଦେବଙ୍କ ପଞ୍ଚବାଣରେ ପୀଡ଼ିତାହୋଇ ଶ୍ରୀରାଧା ଅତ୍ୟନ୍ତ ଶୀତଳ ଚନ୍ଦନ ପ୍ରଲେପକୁ ନିନ୍ଦାକରୁଛି। ଶରୀରର ତାପ ଦୂରକାରୀ ଚନ୍ଦ୍ରକିରଣକୁ ମଧ ଚାହିଁ ଦୁଃଖରେ ବ୍ୟାକୁଳ ହେଉଛି। ସୁଗନ୍ଧ ତଥା ଶୀତଳ ମଳୟ ପବନକୁ ବିଷ ବୋଲି ମନେକରୁଛି। କାରଣ ବିଷଧର ସର୍ପଙ୍କ ନିଃଶ୍ୱାସ ପବନ ସେଥିରେ ମିଳିତ ହୋଇଛି ବୋଲି ଭାବି ସୁଗନ୍ଧଯୁକ୍ତ ତଥା ମୃଦୁମନ୍ଦ ମଳୟ ପବନକୁ ବିଷଜ୍ୱାଳା ପରି ଅନୁଭବ କରୁଛି। ସେ ବିଚାରୀ ହୃଦୟ-ମନ୍ଦିରରେ ମଦନ-ସୁନ୍ଦର ମୂର୍ତ୍ତିକୁ ପ୍ରତିଷ୍ଠା କରି ତୁମରି ଭାବରେ ତଲ୍ଲୀନା ହୋଇପଡ଼ିଛି।

---

*The moonbeam and sandal paste which are balm to the forlorn lovers cannot assuage the deep suffering she undergoes due to separation from you. The winnowing wind of spring is like the poisonous breath of deadly serpents at the sandalwood mountain. She seeks refuge from the attacks of the love god by losing herself in your thought.*



*ଅବିରତ-ନିପତିତ-ମଦନ-ସରାଦିବ ଭବଦବନାୟ ବିଶାଳମ୍।*
*ସ୍ୱ-ହୃଦୟ-ମର୍ମଣି ବର୍ମ କରୋତି ସଜଳ-ନଳିନୀ-ଦଳ-ଜାଳମ୍।*

ମନସିଜ ଶର ପଡ଼େ ଅନବରତ।   ସଖୀର ମରମସ୍ଥାନେ ହୃଦୟଗତ।
ତେଣୁ ସେ ଜଳମିଶ୍ରିତ ପଙ୍କଜ ଦଳେ।   ଘୋଡ଼ାଇ ରଖେ ଯତନେ କୁଚମଣ୍ଡଳେ।
ଯହୁଁ ସେ ହୃଦରେ ତୋତେ ଅଛଇ ଧରି।   କାମଶର ନିବାରଣେ କବଚ କରି।

ହେ ମାଧବ, ରାଧିକା ତୁମକୁ ତା'ର ହୃଦୟ-ମନ୍ଦିରରେ ସାଇତି ରଖିଛି। କିନ୍ତୁ ନିଷ୍ଠୁର କାମଦେବ ସର୍ବଦା କାମଶରମାନଙ୍କଦ୍ୱାରା ପ୍ରହାର କରୁଥିବାରୁ, କାଳେ ତୁମର କିଛି ଅନିଷ୍ଟ ହେବ, ସେହି ଆଶଙ୍କାରେ ନିଜ ହୃଦୟର ମର୍ମସ୍ଥଳକୁ ରକ୍ଷାକରିବାପାଇଁ ବଡ଼ବଡ଼ ପଦ୍ମପତ୍ରକୁ ଜଳରେ ବୁଡ଼ାଇ ତାହାକୁ କବଚ ସଦୃଶ ବ୍ୟବହାର କରୁଛି। ଅର୍ଥାତ୍ ତୁମ ବିରହରେ ଉଛନ୍ନ ହୋଇ ରାଧା ଯେଉଁ ସନ୍ତାପ ଅନୁଭବ କରୁଛି, ସେଥିରୁ ରକ୍ଷା ପାଇବା ପାଇଁ ସେ ନଳିନୀଦଳକୁ ବକ୍ଷରେ ଥୋଇ ଶୀତଳତା ଅନୁଭବ କରିବା ପାଇଁ ଚେଷ୍ଟା କରୁଛି।

*Lest Your image in her heart should get hurt by the arrows of the god of love,*
*she tries to shield her heart with tender and moist lotus leaves.*

*କୁସୁମ-ବିଶିଖ-ଶର-ତଳ୍ପମନଳ୍ପ-ବିଳାସ-କଳା-କମନୀୟମ୍।*
*ବ୍ରତମିବ ତବ ପରିରମ୍ଭ-ସୁଖାୟ କରୋତି କୁସୁମ-ଶୟନୀୟମ୍।*

ଜାଣଇ ପୁଷ୍ପସକଳ ମଦନଶର।   ତଥାପି ବିଚିତ୍ର ଫୁଲେ ତଳପ ତା'ର।
କେବଳ ତୁମ୍ଭ ଆଗମେ କରି ଭରସା।   ଜୀବନ ଧାରଣେ ସଘୀ ବଳାଇ ଆଶା।
ସନ୍ତାପ ହୃଦେ ବିଳପେ ସଖୀ ମୋହର।   ବ୍ରତ ଆଚରଣ କଲା ଦୃଢ଼ ମନର।
ତବ ଆଲିଙ୍ଗନ ସୁଖ ବାଞ୍ଛଇ ମନ।   ଶୋଇଛି କୁସୁମ ଶେଯେ ବାଳା ରତନ।

ହେ ମାଧବ, କାଳେ ତୁମେ କେତେବେଳେ ଆସି ପହଞ୍ଚିଯିବ, ସେଥିପାଇଁ ବିରହିଣୀ ଶ୍ରୀରାଧା ଅନେକ ପ୍ରକାର ମନୋଜ୍ଞ କୁସୁମ ସମୂହରେ ଶଯ୍ୟା ପ୍ରସ୍ତୁତ କରି ଶୋଇରହୁଛି। ଆହୁରି ମଧ୍ୟ ସେ ଭଲଭାବରେ ଜାଣେ- ଅଶୋକ ଅରବିନ୍ଦ ଆଦି କୁସୁମମାନ କାମଦେବର ଶର; ତଥାପି ସେ ତୁମକୁ ପାଇବା ପାଇଁ ଏବଂ ତୁମ ଆଲିଙ୍ଗନ ସୁଖ ପାଇବା ଆଶାରେ ତୁମରି ଉଦ୍ଦେଶ୍ୟରେ ବ୍ରତପାଳନପୂର୍ବକ ଶରଶଯ୍ୟା କରି ଶୋଉଛି।

*She has made a bed of love's floral arrows where she practices her seductive art.*
*She undergoes penance waiting for the joy of Your embrace.*



*ବହତି ଚ ବଳିତ-ବିଲୋଚନ-ଜଳଭର-ମାନନ-କମଳମୁଦାରମ୍।*
*ବିଧୁମିବ ବିକଟ-ବିଧୁନ୍ତୁଦ-ଦନ୍ତ-ଦଳନ-ଗଳିତାମୃତ-ଧାରମ୍।*

ବହଇ ଉଦାର ସଖୀ ମୁଖକମଳ। ଲୋଚନୁ ଜଳ ବରଷେ କି ଜଳଧର।
ରାହୁଗ୍ରାସ ଦନ୍ତାଘାତେ ଚନ୍ଦ୍ର ଯେସନ। ଝରଇ ଅମୃତଧାରା ଜାଣି ତେସନ।

ହେ ମାଧବ, ତୁମେ କାଳେ କେଉଁ ଦିଗରୁ ଆସୁଥିବ, ସେଇଥିପାଇଁ ସେହି ଆଡ଼କୁ ଚାହିଁ ଚାହିଁ ରାଧାଙ୍କ କୋମଳ ମୁଖକମଳରେ ଥିବା ଜଳଧର ସଦୃଶ ଲୋଚନ ଯୁଗଳରୁ ଅନବରତ ଅଶ୍ରୁଧାର ବହିବାରେ ଲାଗିଛି। ରାହୁର ବିକଟ ଦନ୍ତଘାତ ଯୋଗୁ ବିଦଳିତ ହୋଇଥିବା ଚନ୍ଦ୍ରଖଣ୍ଡରୁ ଅମୃତଧାର ବହିଗଲା ପରି ତୁମରି ପାଇଁ ଅଶ୍ରୁମୁଖୀ ରାଧା ସର୍ବଦା ଅଶ୍ରୁବର୍ଷଣ କରିଚାଲିଛି।

*Tears trickle down from her eyes when she raises her sublime lotus face which looks like the moon dripping nectar even when eclipsed, in the grip of Rāhu.*



ବିଲିଖତି ରହସି କୁରଙ୍ଗ-ମଦେନ ଭବନ୍ତମସମ-ଶର-ଭୂତମ୍।
ପ୍ରଣମତି ମକରମଧୋ ବିନିଧାୟ କରେ ଚ ଶରଂ ନବ-ଚୂତମ୍।

ଏକାନ୍ତେ କସ୍ତୁରୀ କରେ ଘେନିଣ ସଖୀ। ଲିହଇ ମଦନରୂପ ଅତି ସୁରେଖି।
ମକର ଯାନ ଗୋଟିଏ ଯତନେ ଲିହି। କରେଣ ଚୂତବକୁଳ ଶରେକ ଦେଇ।
ଅନଙ୍ଗ ମୂରତି ତୋତେ ଅଭିନ୍ନ କରି। ଚରଣେ ପଡ଼ି ବୋଲଇ ଶରଣ ହରି।

ହେ ମାଧବ, ମୋ' ପ୍ରାଣପ୍ରିୟା ସଖୀ ରାଧିକା ଏକାନ୍ତ ସ୍ଥାନରେ ବସି କସ୍ତୁରୀରେ ତୁମକୁ କାମଦେବ ବୋଲି ମନେକରି ତୁମରି କମନୀୟ ରୂପ ଲେଖନ କରୁଛି। କାମଦେବର ଯେପରି ମକର ବାହନ ଓ ନବପଲ୍ଲବ ଯୁକ୍ତ ଶରତୁଲ୍ୟ ଚୂତମଞ୍ଜରୀ ହସ୍ତରେ ଥାଏ; ସେହିପରି ତୁମ ଚିତ୍ର ତଳେ ମକରଟିଏ ଲେଖିବା ସଙ୍ଗେ ସଙ୍ଗେ ହସ୍ତରେ ନବଚୂତଶର ଦେଇ ବାରମ୍ବାର ଆତ୍ମରକ୍ଷା ନିମିତ୍ତ ପ୍ରଣାମ କରୁଛି। କାମପୀଡ଼ାରୁ ରକ୍ଷା ପାଇବା ପାଇଁ ବିରହିଣୀମାନେ ଯେପରି କାମଦେବଙ୍କୁ ବାହନ ଓ ଆୟୁଧ ସହିତ ପୂଜା କରନ୍ତି, ସେହିପରି ଶ୍ରୀରାଧା ତୁମରି ଅର୍ଚ୍ଚନା କରିବାରେ ଲାଗିଛି।

*She draws Your picture with deer musk, making You resemble the God of love, complete with arrows of mango shoot and a crocodile under Your feet, and worships You.*

ପ୍ରତି-ପଦମିଦମପି ନିଗଦତି ମାଧବ ତବ ଚରଣେ ପତିତାହମ୍।
ତ୍ୱୟି ବିମୁଖେ ମୟି ସପଦି ସୁଧାନିଧି-ରପି ତନୁତେ ତନୁ-ଦାହମ୍।

ପୁଣ ପୁଣ ପାଦେ ପଡ଼ି ବୋଲଇ ବାମା। ତୋର ବିନୁ ମୋର ତନୁ ଦହେ ଚନ୍ଦ୍ରମା।
ତୁମ୍ଭ ବିମୁଖରୁ ହେଲିଣି ଏତେ ସରି। ସୁଧାନିଧି କିମ୍ପା ମୋତେ ମାରନ୍ତା ଜାଳି।
ବିଚଳିତ ହୋଇ ସଖୀ ଭାଷେ ଏସନ। ଉଦ୍ଧର କାମଜ୍ୱାଳାରୁ ଧରେ ଚରଣ।

ହେ ମାଧବ, ମୋ' ସଖୀ ପ୍ରତିକ୍ଷଣ ବିଚଳିତ ହେଲା ପରି କହୁଛି – ହେ ମାଧବ, ମୁଁ ତୁମ ପାଦରେ ପଡୁଛି, ତୁମେ ମୋତେ ଏ କାମଜ୍ୱାଳାରୁ ଉଦ୍ଧାର କର। ତୁମେ ବିମୁଖ ହୁଅନ୍ତେ ଅମୃତମୟ ଶୀତଳତା ପ୍ରଦାନକାରୀ ଚନ୍ଦ୍ର ମଧ୍ୟ ଅନବରତ ମୋ' ଦେହକୁ ଜାଳିପୋଡ଼ି ଛାରଖାର କରିଦେଉଛି।

*Her every breath seems to recite "O Mādhava. I fall at Your feet, when You turn away, even the moonlight scorches my body."*



ଧ୍ୟାନଲୟେନ ପୁରଃ ପରିକଳ୍ପ୍ୟ ଭବନ୍ତମତୀବ ଦୁରାପମ୍।
ବିଳପତି ହସତି ବିଷୀଦତି ରୋଦିତି ବଞ୍ଚତି ମୁଞ୍ଚତି ତାପମ୍।

ଧ୍ୟାନରେ ଅଗ୍ରତେ ତୋତେ ଉଭା କରାଇ। ବିଷଣ୍ଣ ହୋଇଣ ପୁଣ ପୁଣ ହସଇ।
ଚାହିଁଲେ ନ ଦେଖି ଚଇତନ୍ୟ ହରାଇ। ବିଳାପ ବଚନ କହେ ଦୁଃଖିତା ହୋଇ।
କ୍ଷଣେ କ୍ଷଣେ ରୋଦନ ସେ କରଇ ସହୀ। କ୍ଷଣକେ ଛାଡ଼ଇ ତାପ ଧୈର୍ଯ୍ୟ ହରାଇ।

ହେ ମାଧବ, ମୁନିଜନମାନଙ୍କଦ୍ୱାରା ଅତ୍ୟନ୍ତ ସାଧନାରେ ପ୍ରାପ୍ତ ଯେ ତୁମେ, ରାଧା ତୁମକୁ କେବଳ ଧ୍ୟାନଲୟରେ ପରିକଳ୍ପନା କରି କେତେବେଳେ ବିଳାପ କରି ତୁମ ଉଦ୍ଦେଶ୍ୟରେ ଏଣୁତେଣୁ କହୁଛି। ଧ୍ୟାନଲୟରେ ତୁମକୁ ଧରି ପାରିଛି ବୋଲି ଭାବି ହସୁଛି; କିନ୍ତୁ ଆଲିଙ୍ଗନ ଚୁମ୍ବନ ଆଦି କରିପାରୁ ନଥିବାରୁ ଅତ୍ୟନ୍ତ ଦୁଃଖ ପ୍ରକାଶ କରୁଛି। ତୁମକୁ କିପରି ବଶ କରିପାରିବ, ତା'ର ଉପାୟ ଚିନ୍ତା କରି ନପାରି ବିକଳରେ ରୋଦନ କରୁଛି। ଧ୍ୟାନଲୟରେ ତୁମକୁ ଦେଖୁଥିଲେ ମଧ୍ୟ ତୁମକୁ ସ୍ପର୍ଶ କରି ପାରୁନଥିବାରୁ, ଏଣେ ତେଣେ ଧାଇଁବାରେ ଲାଗିଛି ଏବଂ ପରିଶେଷରେ ନିରୁପାୟ ହୋଇ ଦୀର୍ଘନିଃଶ୍ୱାସ ତ୍ୟାଗକରି ଅନ୍ତର୍ଜ୍ୱାଳା ସହ୍ୟ କରୁଛି।

*In deep meditation she evokes Your image and alternately laments, laughs, collapses, cries, trembles to assuage her pain.*

ଶ୍ରୀଜୟଦେବ-ଭଣିତମିଦମଧିକଂ ଯଦି ମନସା ନଟନୀୟମ୍।
ହରି-ବିରହାକୁଳ-ବଲ୍ଲବ-ଯୁବତି-ସଖୀ-ବଚନଂ ପଠନୀୟମ୍।

ରାଧାର ବିରହ ଚିନ୍ତା ଦୂତିକାବାଣୀ। କୃଷ୍ଣରେ କହିଲା ଜୟଦେବ ଯା ଭଣି।
ମାନସଧିଆନେ ଜୟଦେବଙ୍କ ବାଣୀ। ଗୁଣି ଗୁଣି ତରିଯା'ନ୍ତି ମହତ ପ୍ରାଣୀ।

ହେ ଭକ୍ତଜନମାନେ, ତୁମେମାନେ ଯଦି ଶ୍ରୀଜୟଦେବଙ୍କ ବିରଚିତ ଏହି ଗୀତଗୋବିନ୍ଦର ପଦାବଳୀକୁ ସ୍ମୃତିପଟଳରେ ସର୍ବଦା ନୃତ୍ୟକରାଇବାକୁ ଚାହୁଁଥାଅ, ଅର୍ଥାତ୍ ଜୟଦେବ କବିରାଜଙ୍କ କାନ୍ତ କୋମଳ ସରସ ପଦାବଳୀକୁ ଯଦି ସତତ ଜିହ୍ୱାଗ୍ରେ ନର୍ତ୍ତନ କରାଇବାକୁ ଚାହୁଁଥାଅ, ତେବେ ଶ୍ରୀକୃଷ୍ଣଙ୍କ ବିରହରେ ଆକୁଳ ହୋଇଥିବା ଗୋପଯୁବତୀ ଶ୍ରୀରାଧାଙ୍କ ସଖୀର ସୁମଧୁର ବଚନକୁ ମନଦେଇ ପାଠକର।

*If You want to reflect upon this song composed by Jayadeva, continue to read what the maid speaks about Rādhā's suffering due to separation from Hari.*



*ଆବାସୋ ବିପିନାୟତେ ପ୍ରିୟ-ସଖିମାଳାପି ଜାଲାୟତେ।*
*ତାପୋଽପି ଶ୍ୱସିତେନ ଦାବ-ଦହନ-ଜ୍ୱାଳା କଳାପାୟତେ।*
*ସାପି ତ୍ୱଦ୍‌ବିରହେଣ ହନ୍ତ ହରିଣୀ-ରୂପାୟତେ ହା କଥଂ।*
*କନ୍ଦର୍ପୋଽପି ଯମାୟତେ ବିରଚୟନ୍ ଶାର୍ଦ୍ଦୂଳ-ବିକ୍ରୀଡିତମ୍।*

ତୋହର ବିରହେ କ୍ଷୀଣ ବିଚ୍ଛିନ୍ନ ଅତି। ଘାଉଆ ହରିଣୀ ପ୍ରାୟେ ହୁଏ ଯୁବତୀ।
ଗୃହକୁ ଅରଣ୍ୟ ପ୍ରାୟ ମଣଇ ସଖୀ। ଜାଲମାଳା କିଏ ବେଢ଼ି ବସିଲେ ଯୋଖି।
ନିଃଶ୍ୱାସ ପବନ ତା'ର ତାପଇ କାୟେ। ଦାବଅଗ୍ନି ଜ୍ୱାଳା ପ୍ରାୟେ କରଇ ଭୟେ।
ମଦନ କିରାତବାଣ କାଳ ତାହାକୁ। ହରିଣୀ ବିମର୍ଷ ଯେହ୍ନେ ଦେଖି ବ୍ୟାଘ୍ରକୁ।

ହେ ମାଧବ, ମୋ ପ୍ରିୟସଖୀ ରାଧିକା ତୁମ ବିରହରେ ନିଜର ବାସଗୃହକୁ ଅରଣ୍ୟ ପରି ମନେକରୁଛି। କାରଣ ପ୍ରିୟତମ ନଥିବାରୁ ବାସଗୃହ ବା ଲତାକୁଞ୍ଜ ଅରଣ୍ୟ ସଦୃଶ ଭୟଙ୍କର ହୋଇଉଠିଛି। ତୁମ ବିରହରେ ରାଧିକା ପ୍ରାଣତ୍ୟାଗ କରିବାକୁ ଗଲାବେଳେ ଅନ୍ୟାନ୍ୟ ସଖିମାନେ ହରିଣୀକୁ ଜାଲପକାଇ ଧରିନେବାପରି ମୃତ୍ୟୁମୁଖରୁ ନିବାରଣ କରୁଥିବାରୁ ସେମାନଙ୍କୁ ସେ ଜାଲବନ୍ଧନ ପରି ମନେକରୁଛି। ତୁମ ବିରହ ଦୁଃଖରେ ଯେଉଁ ଉଷ୍ଣନିଃଶ୍ୱାସ ତ୍ୟାଗ କରୁଛି, ତାହା ବନାଗ୍ନିର ଜ୍ୱାଳା ସମୂହ ପରି ସେ ଅନୁଭବ କରୁଛି।

ହେ ଶ୍ରୀକୃଷ୍ଣ, ଅତ୍ୟନ୍ତ ଦୁଃଖର ସହିତ ମୁଁ ନିବେଦନ କରୁଛି ଯେ, ତୁମ ବିରହରେ ମୋ' ପ୍ରିୟସଖୀ ରାଧିକା ବନହରିଣୀ ପରି ବ୍ୟାଘ୍ରସଦୃଶ କାମଦେବ ରୂପକ ବ୍ୟାଧ କବଳରେ ପଡ଼ି, ପ୍ରାଣ ବିକଳରେ ନିରୁପାୟ ହୋଇ ଧାଇଁବାରେ ଲାଗିଛି। ବିରହୀ ବିରହିଣୀଙ୍କ ପକ୍ଷରେ ଆନନ୍ଦଦାୟକ ଯେଉଁ ମଦନ ସେ ଏବେ ତା'ଠାରେ ଯମ ପରି କ୍ରୁର ହୋଇଉଠିଛି।

ବନରେ ଏକାକିନୀ ହରିଣୀ ଯେପରି ବ୍ୟାଧ, ଜାଲ, ଅଗ୍ନିଜ୍ୱାଳା ଓ ବ୍ୟାଘ୍ରସଦୃଶ ଭୟଙ୍କର ଶ୍ୱାନ ଘେର ମଧ୍ୟରେ ଆତ୍ମରକ୍ଷାର କୌଣସି ଉପାୟ ନଦେଖି ଏଣେତେଣେ ଧାଇଁ ନିଜର ଅସମର୍ଥତା ପ୍ରକାଶକରେ, ମୋ' ପ୍ରିୟସଖୀ ରାଧିକାର ଏବେ ସେହି ଦଶା ହୋଇଛି।

*Home appears to her as a forest, friends, a snare. Her sighs are like flames that rage in a forest fire. After You're gone the God of love is like Ẏama to her, the God of death who appears like a tiger hunting down a deer.*

# ଚତୁର୍ଥ ସର୍ଗ ଗୀତ ୨



*ସ୍ତନ-ବିନିହିତମପି ହାରମୁଦାରମ୍।*
*ସା ମନୁତେ କୃଶ-ତନୁରିବ ଭାରମ୍।*
*ରାଧିକା ବିରହେ ତବ କେଶବା ଧ୍ରୁବଂ।*

ଶୁଣ ତୁ କେଶବ ରାଧା ତୋହର ବିନୁ। ଢାଳେ ଅତି କ୍ଷୀଣ ତା'ର ହୋଇଲା ତନୁ।
ଅମଳ ମୁକୁତା ହାର କୁଚ ଉପରେ। ବହି ନ ପାରଇ ଗରୁ ହୋଇଛି ତା'ରେ।

ହେ ମାଧବ, ତୁମ ବିରହରେ ରାଧିକା ଅଧିକ କ୍ଷୀଣ ହୋଇଯାଇଛି। ତେଣୁ ସଖୀମାନେ ତା' ଗଳାରେ ଯେଉଁ ଉତ୍କୃଷ୍ଟ ହାର ପିନ୍ଧାଇଦେଉଛନ୍ତି, ତାହା ତା'ର ସ୍ତନ ଉପରେ ଲମ୍ବିଯାଇଥିବାରୁ, ସେ ସେହି ଶ୍ରେଷ୍ଠ ମାଳାକୁ ଭାର ସ୍ୱରୂପ ମନେକରୁଛି।

*O Keṣava, Your separation has weakened Rādhikā so much that the beautiful garland on her breasts has become a huge burden.*

*ସରସ-ମସୃଣମପି ମଳୟଜ-ପଙ୍କମ୍।*
*ପଶ୍ୟତି ବିଷମିବ ବପୁଷି ସଶଙ୍କମ୍।*

ମଳୟ ଚନ୍ଦନ ପଙ୍କ ଦେଖି ତରୁଣୀ। ଶଙ୍କିତ କରଇ ତନୁ ଗରଳ ମଣି।
ତୋ ବିନୁ ଏ ଦଶା ଭୋଗେ ରମଣୀମଣି। ହିତକୁ ଅହିତ ପ୍ରାୟେ ନ ଘେନେ ଜାଣି।

ହେ ମାଧବ, ଅତ୍ୟନ୍ତ ଶୀତଳରସଯୁକ୍ତ ସ୍ନିଗ୍ଧ କୋମଳ ତଥା ବିରହ ନିବାରଣରେ ଅତ୍ୟନ୍ତ ହିତକର ମଳୟପର୍ବତରେ ଜାତ ସୁଗନ୍ଧଯୁକ୍ତ ଚନ୍ଦନକୁ ଶରୀରରେ କିଏ ବିଷ ବୋଳିଦେଲା ପ୍ରାୟ ଭୟକରି, ଭୟ-ବିହ୍ୱଳିତ ନେତ୍ରରେ ସେ ଆଡ଼କୁ ଚାହୁଁଛି। ତୁମରି ବିରହଜ୍ୱାଳାରେ ସଢ଼ି ମୋ' ସଖୀ ରାଧିକାର ଆଜି ଏ ଦଶା ହୋଇଛି।

*The scented sandal paste smeared on her body appears to her like dreaded poison.*



*ଶ୍ୱସିତ-ପବନ-ମନୁପମ-ପରିଣାହମ୍।*
*ମଦନ-ଦହନମିବ ବହତି ସଦାହମ୍।*

ନିଃଶ୍ୱାସ ପବନ ଅନୁପମ ଶୀତଳ। ତୋର ବିନୁ ଯେସନେ ମଦନ ଅନଳ।
ଅନ୍ତରେ କାମ ଅନଳ ଜଳେ ସତତ। ତେଣୁ ଖରଶ୍ୱାସ ସଖୀ ଛାଡ଼େ ନିରତ।

ହେ ମାଧବ, ମୋ' ସଖୀ ରାଧିକାର ନିଃଶ୍ୱାସ ପବନ ଏତେ ଉଷ୍ମ ଓ ପ୍ରଖର ହୋଇଛି ଯେ, ସେ ତାକୁ କାମାଗ୍ନି ସଦୃଶ ମନେକରୁଛି। ତା'ର ଅନ୍ତରରେ କାମାଗ୍ନି ଉଦ୍ଦୀପିତ ହୋଇଥିବାରୁ, ନିଃଶ୍ୱାସ ପବନ ଅତ୍ୟନ୍ତ ତାପଜନକ ହୋଇଛି। ସେହିପରି ଉଷ୍ମ ପବନ ବନାଗ୍ନି ପରି ତା' ସମୁଦାୟ ଶରୀରରେ ଖେଳିଯାଇ ତାହାକୁ ଦଗ୍ଧ କରୁଛି।

*The sighs have become as hot as the burning fire of passion*



*ଦିଶି ଦିଶି କିରତି ସଜଳ-କଣ-ଜାଳମ୍।*
*ନୟନ-ନଳିନମିବ ବିଗଳିତ-ନାଳମ୍।*

ନିରନ୍ତର ଅଶ୍ରୁଜଳ ଗଳଇ ତା'ର। ସକଳ ଦିଗେ ପକାଇ ନୟନୁ ନୀର।
ନୀରସ ହୋଇଲା ତା'ର ନୟନ ବେନି। ମୃଣାଳୁ ଖସିଲା ପଦ୍ମ ପାଖୁଡ଼ା ଜାଣି।

ହେ ମାଧବ, ତୁମକୁ ଦେଖିବା ଅଭିଳାଷରେ ଅଶ୍ରୁମୁଖୀ ରାଧିକା ବାରମ୍ବାର ଏଣେତେଣେ ଚାହୁଁଛି। ପଦ୍ମନାଡ଼କୁ ଯେପରି ଜଳରୁ ଉପାଡ଼ି ଆଣିଲେ ସେଥିରୁ ଜଳବିନ୍ଦୁ ଝରିପଡେ, ସେହିପରି କମଳନୟନୀ ରାଧିକା ତୁମ ବିରହ-ଦୁଃଖରେ ଏଣେତେଣେ ଚାହିଁବାବେଳେ ତା' ନୟନ ଯୁଗଳରୁ ଅଶ୍ରୁକଣିକା ଝରି ଚାରିଆଡ଼କୁ ସିକ୍ତ କରିଦେଉଛି।

*She looks for you in all directions and sheds tears.*
*Her watery eyes appear like broken louts petals freshly emerging from water.*

*ନୟନ-ବିଷୟମପି କିଶଳୟ-ତଳ୍ପମ୍।*
*ଗଣୟତି ବିହିତ-ହୁତାଶ-ବିକଳ୍ପମ୍।*

ଆହେ ମାଧବ! କହଇ ଆହୁରି ଶୁଣ। ବିରହିଣୀ ରାଧିକା ସହଇ କଦନ।
ନବୀନ ପଲ୍ଲବ ଶଯ୍ୟା ଦେଖି କାମିନୀ। ଚାହିଁ ନ ପାରଇ କିଏ ଜଳଇ ବହ୍ନି।

ହେ ମାଧବ, ଶ୍ରୀରାଧାର ବିରହ ତାପ ଶାନ୍ତି ନିମିତ୍ତ ସଖୀମାନେ ତା' ପାଇଁ କୋମଳ ତଥା କଅଁଳ ପତ୍ରରେ ଶେଯ ସଜାଡ଼ିଛନ୍ତି। ସେ ତାକୁ ଦେଖି ମଧ୍ୟ ନଦେଖିଲାପରି ଏଡ଼ାଇଦେଉଛି। କାରଣ ତୁମ ବିରହରେ ସେହି ନବପଲ୍ଲବ ଶଯ୍ୟା ତାକୁ ଅଗ୍ନିପୂର୍ଣ୍ଣ ତଥା ଅତ୍ୟନ୍ତ ଶରୀରଦାହକାରୀ ଶେଯପରି ମନେହେଉଛି।

*When she sees a bed of tender shoots she imagines a ritual bed of flames.*



*ତ୍ୟଜତି ନ ପାଣି-ତଳେନ କପୋଳମ୍।*
*ବାଳ-ଶଶିନମିବ ସାୟମଲୋଳମ୍।*

ଶୁଣ ହେ କେଶବ! ଦୁଃଖ ଆହୁରି ତା'ର। ତୁମ୍ଭ ବିରହେ ସଢ଼ଇ ରମଣୀବର।
ବସିଛି କପୋଳେ କର ଦେଇଣ ବାମା। ବଦନ ଦିଶଇ କି ନବୀନ ଚନ୍ଦ୍ରମା।
ସନ୍ଧ୍ୟାକାଳେ ଅତି ଦୁଃଖେ ବସି ନିଶ୍ଚଳେ। ଧ୍ୟାନ କରେ ତବ ରୂପ ବସି ଆକୁଳେ।

ହେ କେଶବ, ମୋ' ପ୍ରିୟ ସଖୀ ରାଧିକା ସାରାଦିନ କୌଣସିମତେ ଛଟପଟ ହୋଇ ବିତାଇଦେଉଛି ସିନା, ମାତ୍ର ସନ୍ଧ୍ୟା ଆଗମନ ହେବାମାତ୍ରେ ସାରାରାତି ତୁମ ବିରହରେ କିପରି ଯାପନ କରିବ, ସେହି ଚିନ୍ତାରେ ଘାରି ହୋଇ କରତଳରେ ଗଣ୍ଡମଣ୍ଡଳ ଥୋଇ ଗଭୀର ଚିନ୍ତାରେ ନିଷ୍କମ୍ପ ଓ ନିଶ୍ଚଳ ହୋଇ ବସିରହିଛି। ତା' ଫଳରେ ମୋ' ସଖୀ ସନ୍ଧ୍ୟାକାଳର ଦ୍ୱିତୀୟାଚନ୍ଦ୍ର ପରି ଦେଖାଯାଉଛି। ତା'ର କରପଲ୍ଲବ ତାମ୍ରବର୍ଣ୍ଣ ହୋଇଥିବାରୁ ଅନୁରାଗିଣୀ ସନ୍ଧ୍ୟା ପରି ତାହା ମନେହେଉଛି। ସେ ତା'ର ଚନ୍ଦ୍ରବଦନକୁ ଅର୍ଦ୍ଧେକ ପାଣିପଲ୍ଲବରେ ଘୋଡ଼ାଇ ରଖିଥିବାରୁ, ତାହା ବାଳଚନ୍ଦ୍ରମା ପରି ଦେଖାଯାଉଛି। ତୁମରି ଧ୍ୟାନରେ ତଲ୍ଲୀନା ହୋଇଥିବାରୁ ସେ ନିଶ୍ଚଳ ହୋଇଛି। ତେଣୁ ସନ୍ଧ୍ୟାକାଳୀନ ନିଶ୍ଚଳ ବାଳଚନ୍ଦ୍ରମା ପରି ସେ ଶୋଭାପାଉଛି।

*She presses her palm against her cheek,*
*which looks like the rising moon in the evening.*



*ହରିରିତି ହରିରିତି ଜପତି ସକାମମ୍।*
*ବିରହ-ବିହିତ-ମରଣେବ ନିକାମମ୍।*

ହରି ହରି ବୋଲି ଜପେ ସକାମ କରି। ସୁଫଳ ମିଳିବ ଯେବେ ଆସିବେ ହରି।
ନୋହିଲେ ବିରହତାପେ ହୋଇବି ହତ। ନିଷ୍କାମ ହୋଇଣ ଭକ୍ତି ଲଭିବି ମୁଁ ତ।

ହେ କେଶବ, ମରଣ କାଳରେ ମନୁଷ୍ୟ ଯେପରି କେବଳ ହରିନାମ ଜପକରୁଥା'ନ୍ତି, ସେହିପରି ମୋ' ପ୍ରିୟସଖୀ ରାଧିକା
କାମବାଣରେ ମୃତତୁଲ୍ୟ ହୋଇ ତୁମ ନାମ – ହରି ହରି, ବୋଲି ଅଭିଳାଷର ସହିତ ଜପ କରିବାରେ ଲାଗିଛି।
ସେ ଭଲ ଭାବରେ ଜାଣିସାରିଲାଣି ଯେ, ତୁମ ବିରହରେ ତା'ର ମରଣ ସୁନିଶ୍ଚିତ,
ତେଣୁ ବିକଳରେ ତୁମରି ନାମ ଜପ କରିବାରେ ଲାଗିଛି।

*She chants "Hari, Hari" with great passion,*
*convinced that she is destined to die due to separation.*

*ଶ୍ରୀଜୟଦେବ-ଭଣିତମିତି ଗୀତମ୍।*
*ସୁଖୟତୁ କେଶବ-ପଦମୁପନୀତମ୍।*

ଶୁଣ ହେ ସୁଜନେ ଜୟଦେବ ଯା ଭଣି। ବଇକୁଣ୍ଠନାଥ ସୂକ୍ଷ୍ମ ତତ୍ତ୍ୱ ଏ ବାଣୀ।
କେଶବ ପଦ କମଳ ହେବ ପ୍ରାପତ। ସୁଖକର ହେବ ଏ ଦୁର୍ଲଭ ଜୀବିତ।

ଶ୍ରୀଜୟଦେବ କବିଙ୍କ ଭଣିତ ଏହି ଗୀତ ଜନମାନସକୁ ସୁଖ ପ୍ରଦାନ କରୁ।
କେଶବଙ୍କ ନାମାବଳୀ ବୈଷ୍ଣବଜନ-ସମୁଦାୟକୁ ଶ୍ରୀକୃଷ୍ଣଙ୍କ ପଦସରୋଜ ପ୍ରାପ୍ତିରେ ତାହାଙ୍କ ସମୀପବର୍ତ୍ତୀ କରାଉ।

*Let this song composed by Jaẏadeva please the devotees of Keśava*
*and help them to realize Him.*



ସା ରୋମାଞ୍ଚତି ଶୀତ୍‌କରୋତି ବିଲପତ୍ୟୁତ୍କମ୍ପତେ ତାମ୍ୟତି
ଧ୍ୟାୟତ୍ୟୁଦ୍‌ଭ୍ରମତି ପ୍ରମୀଳତି ପତତ୍ୟୁଦ୍‌ଯାତି ମୂର୍ଚ୍ଛତ୍ୟପି।
ଏତାବତ୍ୟତନୁ-ଜ୍ୱରେ ବରତନୁର୍ଜୀବେନ୍ନ କିଂ ତେ ରସାତ୍
ସ୍ୱର୍ବୈଦ୍ୟ-ପ୍ରତିମ ପ୍ରସୀଦସି ଯଦି ତ୍ୟକ୍ତୋଽନ୍ୟଥା ହସ୍ତକଃ।

ହେ ମାଧବ! ଶୁଣ ସଖୀ ଦଶା ମୋହରି। ତୁମ ବିରହେ କମ୍ପଇ ଗୋପ ନାଗରୀ।
କେତେବେଳେ ରୋମାଞ୍ଚ ହୁଅଇ ଶରୀରେ। ହା କୃଷ୍ଣ ବୋଲି ବା କେବେ ଲୋଟେ ରସାରେ।
ପୁଣି ଉଠି ଚଉଦିଗେ ଚକିତେ ଚାହିଁ। ଖୋଜିଲା ପ୍ରାୟ ଦେଖଇ ମୋ ପ୍ରାଣସହୀ।
ପ୍ରଳାପ କରଇ କେବେ ଆକୁଳଭରେ। କେବେ ବା ବ୍ୟାକୁଳେ ତୁମ ନାମ ସୁମରେ।
ଦେବବୈଦ୍ୟ ହୋଇ ତୁମ୍ଭେ ରଖ ତା ପ୍ରାଣ। ନୋହିଲେ ହାରିବ ଜୀବ ରାମାରତନ।

ହେ ମାଧବ, ମୋ' ସଖୀ ରାଧିକା ତୁମ ବିରହରେ ଅଭିଳାଷ ପ୍ରକାଶ କରି ଶରୀରକୁ ରୋମାଞ୍ଚିତ କରୁଛି। ସେ ଚିନ୍ତାଜ୍ୱରରେ ପୀଡ଼ିତା ହୋଇ ମୁଖରୁ ସିତ୍‌କାର ବଚନ ବାହାରକରୁଛି। ସେ ତୁମ ଗୁଣ ସୁମରି ସର୍ବଦା ବିଳାପ କରୁଛି। ତୁମ ବିରହ- ତାପ ସହିନପାରି କମ୍ପୁଛି। ତୁମକୁ ପାଇନପାରିବାରୁ ଗ୍ଲାନି ଅନୁଭବ କରୁଛି। ତୁମରି ଧ୍ୟାନରେ ନିବିଷ୍ଟମନା ହୋଇ ସର୍ବଦା ଧ୍ୟାନମଗ୍ନା ହୋଇଛି ଏବଂ ତୁମ ବିରହରେ ଉଦ୍‌ଭ୍ରାନ୍ତ ହୋଇ ଭ୍ରମଣକରୁଛି।

ହେ କେଶବ, ରାଧିକା ଆଖିକୁ ବାରମ୍ବାର ଖୋଲି ଓ ମୁଦ୍ରିତ କରି ତୁମର କମନୀୟ ରୂପକୁ ଦେଖିଲାପରି ଭାବ ପ୍ରକାଶ କରୁଛି। ସେ ଆହୁରି ମଧ୍ୟ ବିରହ-ତାପ ସହି ନପାରି ଭୂମିରେ କେତେବେଳେ ଗଡୁଛି ଏବଂ ପୁଣି କେତେବେଳେ ଉଠିପଡ଼ି ତୁମକୁ ଖୋଜିଲା ପରି ହେଉଛି। ଏ ପ୍ରକାର ବିରହ-ତାପରେ ସଢ଼ି ଏହି ବୃନ୍ଦାବନରେ ତା'ର କମନୀୟ ଦେହ ଜୀବିତ ରହିଲା ପରି ମନେହେଉନାହିଁ। ଏହି କାମଜ୍ୱରର ଉପଶମକାରୀ ତୁମେ ଯଦି ସ୍ୱର୍ଗବୈଦ୍ୟ ଅଶ୍ୱିନୀକୁମାର ସଦୃଶ ହୋଇ ଆଲିଙ୍ଗନ ଓ ଚୁମ୍ବନାଦି ଦାନରେ ତାକୁ ରସସିକ୍ତ କରିବ, ତା'ହେଲେ ହୁଏତ ସେ ବଞ୍ଚିଯାଇ ପାରେ। ଅନ୍ୟଥା ସେ ଜୀବନ ହରାଇଦେବ ବୋଲି ନିଶ୍ଚିତ କରି ଜାଣ।

*She alternately bristles with excitement, weeps, shudders, gasps, broods, reels, stammers, falls, gets up and faints in the high fever of her passion. Her fragile body can be revitalised by Your charm. O divine healer, have mercy and save her from death.*



*ସ୍ମରାତୁରାଂ ଦୈବତ-ବୈଦ୍ୟ-ହୃଦ୍ୟ ତ୍ୱଦଙ୍ଗ-ସଙ୍ଗାମୃତ-ମାତ୍ର-ସାଧ୍ୟାମ୍।*
*ବିମୁକ୍ତ-ବାଧାଂ କୁରୁଷେ ନ ରାଧା-ମୁପେନ୍ଦ୍ର ବଜ୍ରାଦପି ଦାରୁଣୋଽସି।*

ଏ ତୋର ହୃଦୟ ହରି କଠୋର ଅତି। ବଜ୍ରହୁଣ କଠିନ ତୋର ଦାରୁଣ ମତି।
କାମାତୁରା ବ୍ୟାଧି ପୀଡ଼ା ପାଉଛି ରାଧା। ତୋର ଅଙ୍ଗସଙ୍ଗ ପାଇ ହରିବ ବାଧା।
ଅସାଧ ବ୍ୟାଧି ଅଶ୍ୱିନୀ କୁମାର ପରି। ତୁମ୍ଭ ଅଙ୍ଗାମୃତ ଦେଇ ରଖ ମୁରାରି।

ଅଶ୍ୱିନୀକୁମାରଙ୍କ ସଦୃଶ ଅତ୍ୟନ୍ତ ସୁନ୍ଦର ହେ ଉପେନ୍ଦ୍ର ଶ୍ରୀକୃଷ୍ଣ, ମଦନବ୍ୟାଧିରେ ଅତ୍ୟନ୍ତ ରୁଗ୍ଣା ହୋଇଛି ଯେଉଁ ଶ୍ରୀରାଧା ତାହାର ରୋଗନିବାରଣ ପାଇଁ ତୁମେ ତୁମର ଅଙ୍ଗସଙ୍ଗ ରୂପକ ଅମୃତ ପ୍ରଦାନ କରି, ତାହାକୁ ରୋଗମୁକ୍ତ କରିବ ନାହିଁ କି? ତା'ର ଯେଉଁ ବ୍ୟାଧି ଜାତହୋଇଛି, ତା'ର ଏକମାତ୍ର ଔଷଧ ହେଉଛି ତୁମର ଅଙ୍ଗସଙ୍ଗ। ତା'ରି ଫଳରେ ରାଧାର କାମବ୍ୟାଧି ଦୂରହୋଇଯିବ। ତୁମେ ଯଦି ଏତିକି ଉପାୟ ନ କରିବ, ତେବେ ବଜ୍ରଠାରୁ ତୁମ ହୃଦୟ ଅଧିକ କଠିନ ବୋଲି ଜଣାଯିବ।

*You are the divine physician she seeks desperately. She can only be healed by the elixir Your embrace of love can provide. Unless You free her from torment You will prove that Your heart is more cruel than the thunderbolt of Indra, the king of gods.*



*କନ୍ଦର୍ପ-ଜ୍ୱର-ସଂଜ୍ୱରାକୁଳ-ତନୋରାଶ୍ଚର୍ଯ୍ୟମସ୍ୟାଶ୍ଚିରଂ।*
*ଚେତାଶ୍ଚନ୍ଦନଶ୍ଚନ୍ଦ୍ରମଃ କମଳିନୀ-ଚିନ୍ତାସୁ ସଂତାମ୍ୟତି।*
*କିନ୍ତୁ କ୍ଳାନ୍ତି-ବଶେନ ଶୀତଳତରଂ ତ୍ୱାମେକମେବ ପ୍ରିୟଂ*
*ଧ୍ୟାୟନ୍ତୀ ରହସି ସ୍ଥିତା କଥମପି କ୍ଷୀଣା କ୍ଷଣଂ ପ୍ରାଣିତି।*

---

କନ୍ଦର୍ପଜ୍ୱରେ ଆକୁଳ ଅତି ଶରୀର। ଆଶ୍ଚର୍ଯ୍ୟ ହେଉଛି ଚିତ୍ତ ନ ରହେ ତା'ର।
ଚନ୍ଦ୍ର ଚନ୍ଦନ କମଳ ଚିନ୍ତିଲେ ମନ। ବିଭ୍ରମ ହୁଅଇ ସଖୀ ହରାଇ ଜ୍ଞାନ।
ତବ କ୍ରୀଡ଼ାରସେ ଧ୍ୟାନ କରଇ ବସି। ଦୁର୍ବଳ ହୋଇଛି ଅତି କୁଟିଳକେଶୀ।
ଅନଙ୍ଗ ଅନଳୁ ବାରେ ଉଦ୍ଧରି ଧର। ତୁହି ସେ ତାହାର ପ୍ରିୟ-ଶୀତଳତର।

---

ହେ ମାଧବ, ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ, କାମଜ୍ୱରରେ ପୀଡ଼ିତା ରାଧିକାର ମନ ଚନ୍ଦନ, ଚନ୍ଦ୍ରମା ଓ କମଳିନୀର ଚିନ୍ତା କରିବାମାତ୍ରେ ଅଧିକ ପୀଡ଼ିତ ହେଉଛି। କିନ୍ତୁ ଅତ୍ୟନ୍ତ କ୍ଳାନ୍ତି ହେତୁରୁ ଶୀତଳତର ଅଟେ ଯେଉଁ ତୁମର ଶରୀରକୁ ସେ ସବୁବେଳେ ଚିନ୍ତାକରୁଛି। ଏକାନ୍ତରେ ରହିଥିବା ରାଧା ତୁମରି ଧ୍ୟାନରେ କୌଣସିମତେ ଜୀବନ ଧାରଣ କରି ରହିଛି। ତେଣୁ ତୁମେ ଶୀଘ୍ର ଗମନ କରି ତା'ର କ୍ଷୀଣ ଜୀବନକୁ ରକ୍ଷା କର।

---

*It is strange that cool balms like sandal paste, lotus or moon hurts her more when she lies sick from the smouldering fever of love; but she breathes life and for a moment revives when exhaustion forces her to meditate upon the cooler body of her lover.*



*କ୍ଷଣମପି ବିରହଃ ପୁରା ନ ସେହେ*
*ନୟନ-ନିମୀଳନ-ଖିନ୍ନୟା ଯୟା ତେ।*
*ଶ୍ୱସିତି କଥମସୌ ରସାଳ-ଶାଖାଂ*
*ଚିର-ବିରହେଣ ବିଲୋକ୍ୟ ପୁଷ୍ପିତାଗ୍ରାମ୍।*

ପୂର୍ବେ କ୍ଷଣକେ ତୋହର ବିରହେ ସଖୀ। ସହି ନ ପାରିଣ ଅତି ହୁଅଇ ଦୁଃଖୀ।
ନୟନ ପିଛାଡ଼ିବାର ବିଚ୍ଛେଦ ପାଇ। ମନସିଜ ତାପେ କ୍ଷୀଣ ହୁଅଇ ଦେହୀ।
ଏବେ ବହୁଛି ମନ୍ଦ-ମଳୟ-ପବନ। ଚୂତଡାଳ ମୁକୁଳିତ ଅତି ଗହନ।
ଏହାକୁ ଦେଖିଲେ କି ସେ ଧରିବ ଦେହୀ। ଚିରକାଳୁଁ ତୋହରେ ହୋଇ ବିରହୀ।
ଦୀନବନ୍ଧୁ ଦୟାସିନ୍ଧୁ ପଙ୍କଜପଦ। ଧରଣୀଧରର ଶିରେ ଖଣ୍ଡେ ବିଷାଦ।

ହେ କେଶବ, ପୂର୍ବେ ତୁମ ସହିତ ସଂଯୋଗ ଅବସ୍ଥାରେ ଯେଉଁ ରାଧିକା ତୁମ ବିରହକୁ କ୍ଷଣମାତ୍ର ସହ୍ୟ କରି ରହିପାରୁନଥିଲା, ସେହି ରାଧିକା ଚକ୍ଷୁ ମୁଦ୍ରିତ କରି ଏହି ଦୀର୍ଘବିରହରେ ମଧ କୌଣସିମତେ ବଞ୍ଚିରହି ନିଃଶ୍ୱାସ ନେଉଛି। ବର୍ତ୍ତମାନ ବସନ୍ତ ସମୟ, କାମ ଉଦ୍ଦୀପନକାରୀ ଆମ୍ରଗଛରେ ବଉଳ ଧରିଛି, ଯାହାକୁ ଦେଖିଲେ ବିରହିଣୀର ପ୍ରାଣବାୟୁ ଉଡ଼ିଯିବା ଅସମ୍ଭବ ନୁହେଁ; ତଥାପି ସେ ବଞ୍ଚି ରହିଛି; ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ !

*Earlier, even a moment's neglect by You was unbearable for her; how can she live through this long desertion watching flowers on the tips of mango branches?*

# ପଞ୍ଚମ ସର୍ଗ - ଗୀତ ୧



*ଅହମିହ ନିବସାମି ଯାହି ରାଧା-*
*ମନୁନୟ ମଦ୍‌ବଚନେନ ଚାନୟେଥାଃ*
*ଇତି ମଧୁରିପୁଣା ସଖୀ ନିଯୁକ୍ତା*
*ସ୍ୱୟମିଦମେତ୍ୟ ପୁନର୍ଜଗାଦ ରାଧାମ୍।*

କହନ୍ତେ ସଜନୀ ଶୁଣିଲେ ସେ କମ୍ବୁପାଣି।
ଶୁଣ ତୁ ସଜନି ! ମୁଁ ଏ ବନେ ବସିଛଇଁ।
ମଧୁରିପୁ ଆଜ୍ଞାରେ ଚଳିଲା ସହଚରୀ।
କହଇ ସଖିର ଆଗେ ହରିକଥାମାନ।

ବୋଲନ୍ତି କୋମଳ ସେ ଅମୀୟ ରସବାଣୀ ଯେ।
ମୋହର ବଚନେ ରାଧିକାକୁ ଆଣ ଯାଇ ଗୋ।
ପୁନରପି ଭେଟିଲା ସେ ରାଧିକା ସୁନ୍ଦରୀ ଯେ।
ଶୁଣ ତୁ ସୁନ୍ଦରି ! ଯେ ହୋଇଣ ସାବଧାନ ଗୋ।

ସଖୀର ଅନୁନୟବଚନ ଶୁଣି ଶ୍ରୀକୃଷ୍ଣ କହିଲେ – ହେ ସଖି, ମୁଁ ଏହିଠାରେ ବସିଛି। ତୁ ମୋ' ଦୁଃଖ ଜଣାଇ ଶ୍ରୀରାଧାଙ୍କୁ ଏହି କୁଞ୍ଜକୁ ଘେନିଆ। ମଧୁରିପୁ ଶ୍ରୀକୃଷ୍ଣଙ୍କ ବଚନରେ ସହଚରୀ ସେଠାରୁ ଫେରି ପୁଣି ରାଧିକାଙ୍କୁ ଏପରି ଭାବରେ ଅନୁନୟ କରି କହିଲା।

*Puṇḍarīkākṣa, the Yearning One Madhu's foe tells the maid "I am staying back here.*
*You go and appease Rādhā, and entreating on my behalf bring her along."*



*ବହତି ମଳୟ ସମୀରେ ମଦନମୁପନିଧାୟ*
*ସ୍ଫୁଟତି କୁସୁମ-ନିକରେ ବିରହି-ହୃଦୟ-ଦଳନାୟ।*
*ସଖି ହେ ସୀଦତି ତବ ବିରହେ ବନମାଳୀ।ଧ୍ରୁବଂ।*

ତୋହର ବିରହେ ବନମାଳୀ ଅତି ଦୁଃଖୀ। ବିଷାଦରେ ବସିଅଛି ଅଇଲି ମୁଁ ଦେଖି ଗୋ।
ମଦନ ସଙ୍ଗତେ ବହେ ମଳୟପବନ। ଫୁଟିଲେ କୁସୁମ ପୂରି ହୃଦବିଦାରଣ ଗୋ।

ହେ ରାଧିକେ, ତୁମ ବିରହରେ ବନମାଳାଧାରୀ ଶ୍ରୀକୃଷ୍ଣ ଅନେକ କଷ୍ଟ ପାଉଛନ୍ତି। ସେହି କୁଞ୍ଜବନରେ କାମଉଦ୍ଦୀପନକାରୀ ମଳୟପବନ ବହୁଛି। ବିରହୀମାନଙ୍କ ହୃଦୟର ଦଳନକାରୀ ନାନା ପ୍ରକାର ଫୁଲ ଫୁଟି ତାଙ୍କ ମନକୁ ଆହୁରି ଉଚ୍ଚାଟ କରୁଛି।

*The maid tells Rādhā, "The vernal breeze from the sandalwood mountain blows fanning the fire of passion. Flowers bloom adding misery to the forlorn lovers. Dear friend, Banamāḷī suffers deeply in Your absence."*



*ଦହତି ଶିଶିର-ମୟୂଖେ ମରଣମନୁକରୋତି।*
*ପତତି ମଦନ-ବିଶିଖେ ବିଳପତି ବିକଳତରୋଽତି।*

ଚନ୍ଦ୍ରମା କିରଣ ପଡ଼ି ଦହେ କାମବାଣ। ବିକଳେ ବିଳପି ମନେ ଇଚ୍ଛଇ ମରଣଗୋ।

ହେ ସଖି, ଚନ୍ଦ୍ରକିରଣ ତାଙ୍କ ଶରୀରକୁ ଦଗ୍‌ଧକରୁଛି। ତା' ଫଳରେ ସେ ମରଣତୁଲ୍ୟ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଆହୁରି ମଧ୍ୟ କାମଦେବର ପଞ୍ଚବାଣ ତାଙ୍କ ଉପରେ ବୃଷ୍ଟିହେଉଛି। ସେହି ଶରାଘାତରେ ଅତ୍ୟନ୍ତ ବିକଳ ହୋଇ ସେ ବିଳାପ କରୁଛନ୍ତି।

*Even the cool rays of the moon scorch Him and he feels death-like pain.*
*On top of it the arrows of the god of love fall on Him and he cries aloud in distress.*

*ଧ୍ୱନତି ମଧୁପ-ସମୂହେ ଶ୍ରବଣମପିଦଧାତି।*
*ମନସି ବଳିତ-ବିରହେ ନିଶି ନିଶି ରୁଜମୁପୟାତି।*

ଭୃଙ୍ଗକୁଳ ଧ୍ୱନି ଶୁଣି ବୁଜଇ ଶ୍ରବଣ।        ବିରହେ ବ୍ୟଥିତ ଅତି ନିଶି ନିଶି କ୍ଷୀଣ ଗୋ।

ସେହି କୁଞ୍ଜବନରେ ପୁଷ୍ପମଧୁ ପାନକରି ଭ୍ରମରମାନେ ଗୁଣୁଗୁଣୁ ସ୍ୱରରେ ଗୁଞ୍ଜନ କରୁଛନ୍ତି। ଭ୍ରମରମାନଙ୍କ ସ୍ୱର ବିରହ ବେଦନା ବଢାଉଥିବାରୁ, ଶ୍ରୀକୃଷ୍ଣ କାନରେ ହାତଦେଇ ତାହା ଶୁଣୁନାହାନ୍ତି। କେତେ ରାତି ବିତିଗଲାଣି, ବେଳକୁ ବେଳ ବୃଦ୍ଧିପାଉଥିବା ବିରହବ୍ୟଥାରେ ସେ ବହୁକଷ୍ଟ ସହିଲେଣି।

*The bees are buzzing around and he shuts His ears for that sound heightens the pain of separation. The passing of every night increases His pain of separation.*



*ବସତି ବିପିନ-ବିତାନେ ତ୍ୟଜତି ଲଳିତମପି ଧାମ।*
*ଲୁଠତି ଧରଣୀ-ଶୟନେ ବହୁ ବିଳପତି ତବ ନାମ।*

ବସିଛି ବିପିନେ ଛାଡ଼ି ଗୃହ ଅନୁପମ। ଶୋଇ ଅବନୀରେ ଶୋକେ ଧରି ତବ ନାମ ଗୋ।

ହେ ରାଧିକେ, ସେ ତାଙ୍କ ମନୋହର ତଥା ସୁଖକର ବାସଗୃହ ତ୍ୟାଗକରି ଭୟଙ୍କର ବନ ମଧ୍ୟରେ ବସି ରହିଛନ୍ତି। ସେ ବିରହବେଦନା ସହିନପାରି ଭୂମିରେ ବାତୁଳଙ୍କ ପରି ଗଡ଼ି 'ହେ ପ୍ରିୟେ, ହେ ପ୍ରାଣେଶ୍ୱରୀ, ହେ ରାଧିକେ' ଆଦି ତୁମ ନାମ ଗୁଣି ଗୁଣି ବିଳାପ କରୁଛନ୍ତି।

*He has left His comfortable home and dwells in the forest now.*
*He rolls on earth with Your name on His lips.*

*ଭଣତି କବି ଜୟଦେବେ ବିରହ-ବିଳସିତେନ।*
*ମନସି ରଭସ-ବିଭବେ ହରିରୁଦୟତୁ ସୁକୃତେନ।*

କୃଷ୍ଣର ବିରହ କଥା ଜୟଦେବ ଭଣି। ସକଳ ସୁକୃତ ଭବେ ଲଭେ ଶୁଣି ପ୍ରାଣୀ ଯେ।।

ଶ୍ରୀକୃଷ୍ଣଙ୍କ ବିରହବର୍ଣ୍ଣନରେ ସମୁତ୍ସୁକ ତଥା ଆନନ୍ଦଯୁକ୍ତ ହୋଇ ଶ୍ରୀଜୟଦେବ କବି ଯାହା ଭଣିତା କରିଛନ୍ତି, ସେହି ବାଣୀ ପୁଣ୍ୟବନ୍ତ ଭକ୍ତଜନତାର ହୃଦୟରେ ସମୁଦିତ ହେଉ।

*Poet Jayadeva gives this account of Hari's pining.*
*Let this evoke devotion for Him in the minds of the pious.*



ପୂର୍ବଂ ଯତ୍ର ସମଂ ତ୍ୱୟା ରତିପତେରାସାଦିତାଃ ସିଦ୍ଧୟ-
ସ୍ତସ୍ମିନ୍ନେବ ନିକୁଞ୍ଜମନ୍ମଥମହାତୀର୍ଥେ ପୁନର୍ମାଧବଃ।
ଧ୍ୟାୟଂସ୍ତ୍ୱାମନିଶଂ ଜପନ୍ନପି ତବୈବାଳାପମନ୍ତ୍ରାକ୍ଷରଂ।
ଭୂୟସ୍ତତ୍କୁଚକୁମ୍ଭନିର୍ଭରପରିରମ୍ଭାମୃତଂ ବାଞ୍ଛତି।

ପୂର୍ବରେ ତାହାର ତୋର ସମଯୋଗ ହୋଇ। ରତିପତି ଆଶାପୂର୍ଣ୍ଣ ହୋଇଲାକ ଯହିଁ ଗୋ।
ଏବେ ସେହି ନିକୁଞ୍ଜ ସଦନରେ ମାଧବ। ମନମଥତୀର୍ଥ କରି ଧ୍ୟାଉଅଛି ତବ ଗୋ।
ତୋହର କ୍ରୀଡ଼ାଚରିତ ମନ୍ତ୍ର ଜପ କରି। ବାଞ୍ଛିତ ଫଳ ତାହାର ଶୁଣସି ସୁନ୍ଦରୀ ଗୋ।
ଏ ତୋହର ସଘନକଠିନ କୁଚ ଦୁଇ। ହୃଦେ ଭିଡ଼ି ପରିରମ୍ଭେ ସୁଧାରସ ପାଇଁ ଗୋ।

ହେ ରାଧିକେ, ପୂର୍ବେ ତୁମ ସହିତ ମିଳିତ ହୋଇ ଶ୍ରୀକୃଷ୍ଣ ଯେଉଁଠାରେ କାମ ବିଷୟକ ସିଦ୍ଧି ଲାଭ କରିଥିଲେ, ସେହି କାମଦେବର ମହାତୀର୍ଥ ସ୍ୱରୂପ ବେତସ କୁଞ୍ଜରେ ମାଧବ ବସି, ସର୍ବଦା ତୁମରି ନାମରୂପକ ମନ୍ତ୍ର ଜପ କରିବା ସଙ୍ଗେ ସଙ୍ଗେ ତୁମ କୁଚକୁମ୍ଭକୁ ନିର୍ଭର କରି ସେଥିରୁ ଆଲିଙ୍ଗନ ରୂପକ ଅମୃତ ପାନ କରିବା ପାଇଁ ଅଭିଳାଷ କରିଛନ୍ତି।

*Mādhava once again is in the same creeper hut, the great sacred place of love-pilgrimage, where, in the past, he had attained with you the perfect art of sensuous dalliance, like the Lord of Rati. He meditates constantly on your charm, mumbling the sweet words you had mattered and craves to enjoy the ncctareous bliss of your firm embrace with full breasts.*

# ପଞ୍ଚମ ସର୍ଗ - ଗୀତ ୨





*ରତି-ସୁଖ-ସାରେ ଗତମଭିସାରେ ମଦନ-ମନୋହର-ବେଶମ୍।*
*ନ କୁରୁ ନିତମ୍ବିନି ଗମନ-ବିଳମ୍ବନ ମନୁସର ତଂ ହୃଦୟେଶମ୍।*
*ଧୀରସମୀରେ ଯମୁନା-ତୀରେ ବସତି ବନେ ବନମାଳୀ।*
*ପୀନ-ପୟୋଧର-ପରିସର-ମର୍ଦ୍ଦନ-ଚଞ୍ଚଳ-କରଯୁଗଶାଳୀ।ଧ୍ରୁବଂ।*

ସଧୀରେ ପବନ ବହେ ଯମୁନାର ତଟେ। ବସିଛନ୍ତି ବନମାଳୀ ଚାହିଁ ତୋତେ ବାଟେ ଗୋ।
ଚଳ ନିତମ୍ବିନି ସଖି ! ବିଳମ୍ବ ନକର, କାମ ମନୋହର ବେଶ ହୋଇ ଅଭିସର ଗୋ।
ରତିସୁଖ କ୍ରୀଡ଼ାରସ ସଂସାରରେ ସାର। ପ୍ରାଣନାଥ ସନ୍ନିଧିକୁ ବେଗେ ଅନୁସର ଗୋ।

ହେ ନିତମ୍ବିନି ରାଧେ, ଯୁବା-ଯୁବତୀଙ୍କ ମିଳନର ସୁଖ ସ୍ୱରୂପ ମଦନସଦୃଶ ମନୋରମ ବେଶଧାରୀ ଶ୍ରୀକୃଷ୍ଣ ଅଭିସାର କୁଞ୍ଜରେ ଉପସ୍ଥିତ ହୋଇଛନ୍ତି। ତୁମେ ଆଉ ଯିବାରେ ବିଳମ୍ବ ନକରି ପ୍ରାଣେଶ୍ୱର ଶ୍ରୀକୃଷ୍ଣଙ୍କୁ ଅନୁସରଣକର। ତୁମ ପୃଥୁଳ ସ୍ତନମଣ୍ଡଳର ପରିସରକୁ ମର୍ଦ୍ଦନ କରିବାରେ ଯାହାଙ୍କର କରଯୁଗଳ ଅତ୍ୟନ୍ତ ଚଞ୍ଚଳ ହୋଇଉଠେ, ସେହି ବନମାଳାଧାରୀ ଶ୍ରୀକୃଷ୍ଣ ମନ୍ଦ ମନ୍ଦ ପବନ ବହୁଥିବା ଯମୁନାତୀରରେ ତୁମରି ଅପେକ୍ଷାରେ ବସିରହିଛନ୍ତି। ଆଉ ବିଳମ୍ବ ନକରି ତୁମେ ସେଠାକୁ ଅଭିସାରରେ ଚାଲ।

*He is dressed seductively like the God of love Himself and lusts after You;*
*so dear one of the blessed hips, do not delay, follow the lord of Your heart.*
*Banamaḷī is there at the Ẏamunā bank swept by the soft wind and*
*His hands are eager to press Your pointed breasts.*



*ନାମ-ସମେତଂ କୃତ-ସଙ୍କେତଂ ବାଦୟତେ ମୃଦୁ-ବେଣୁମ୍।*
*ବହୁ ମନୁତେ ନନୁ ତେ ତନୁ-ସଙ୍ଗତ-ପବନ-ଚଳିତମପି-ରେଣୁମ୍।*

ତୋର ନାମ ଧରିଣ ସେ ଦେବ ଗୋପୀନାଥ। ବଜାଇ ମଧୁର ବେଣୁ କରଇ ସଙ୍କେତ ଗୋ।
ପବନେ ଉଡ଼ିଣ ରେଣୁ ପଡ଼ିଲେ ଦେହରା। ବହୁତ ପ୍ରକାରେ ମନେ ଘେନେ ଦାମୋଦର ଗୋ
ବୋଲଇ ରାଧାର ଅଙ୍ଗ ମଳୟଜ ରେଣୁ। ପବନ ସଙ୍ଗତେ ଉଡ଼ି ପଡୁ ମୋର ତନୁ ଗୋ।

ହେ ରାଧିକେ, ନିର୍ଦ୍ଦିଷ୍ଟ ସଙ୍କେତ କୁଞ୍ଜକୁ ଯିବାପାଇଁ ବନମାଳୀ ତୁମ ନାମ ଧରି ମଧୁରସ୍ୱରରେ ମୁରଲୀ ବଜାଉଅଛନ୍ତି। ତୁମ କୋମଳ ଅଙ୍ଗକୁ ସ୍ପର୍ଶ କରି ଯେଉଁ ମୃଦୁ ପବନ ବହୁଛି, ତା' ଫଳରେ ଉଡୁଥିବା ଧୂଳିକୁ ମଧ ସେ ଆଦରର ସହିତ ଅଙ୍ଗରେ ଧାରଣ କରୁଛନ୍ତି।

*The soft notes of His flute calls out Your name,*
*He lovingly admires the blessed dust carried by wind which touched your body.*

*ପତତି ପତତ୍ରେ ବିଚଳତି ପତ୍ରେ ଶଙ୍କିତ-ଭବଦୁପଯାନମ୍।*
*ରଚୟତି ଶୟନଂ ସଚକିତ ନୟନଂ ପଶ୍ୟତି ତବ ପନ୍ଥାନମ୍।*

ବୃକ୍ଷରେ ପକ୍ଷୀ ବସନ୍ତେ ପତ୍ରେ ପତ୍ର ବାଜି। ଶଙ୍କିତ ହୁଅଇ ସେ ଆସନ ପରିତେଜି ଗୋ।
ତୋହର ଅଇଲା ପ୍ରାୟେ ମଣଇଁ ମୁରାରି। ରଚନା କରଇ ଶଯ୍ୟା ପଲ୍ଲବ ବିସ୍ତାରି ଗୋ।
ଚକିତ ନୟନ ହୋଇ ପୁଣ ପୁଣ ହରି। ଚାହିଁଇ ତବ ଆଗମ ପଥ ଅନୁସରି ଗୋ।

ହେ ରାଧିକେ, ପକ୍ଷୀମାନେ ବୃକ୍ଷଡାଳରୁ ଉଡ଼ିବାବେଳେ ଓ ଶୁଷ୍କପତ୍ର ଉଡ଼ିବାରେ ଯେଉଁ ଶବ୍ଦ ହୁଏ, ତାହା ଶୁଣି ଶ୍ରୀକୃଷ୍ଣ ତୁମ ଆଗମନ ବୋଲି ମନେକରି ନିଜେ ସତର୍କ ହୋଇଯାଇ ତୁମ ଆସିବା ବାଟକୁ ଚାହିଁ ଚାହିଁ ଶଯ୍ୟା ପ୍ରସ୍ତୁତ କରୁଛନ୍ତି। ଏଥିରୁ ତୁମେ ତାଙ୍କ ମନର ବ୍ୟାକୁଳତା ଲକ୍ଷ୍ୟ କରୁଥିବ। ତେଣୁ ତୁମେ ଶୀଘ୍ର ତାଙ୍କ ନିକଟକୁ ଅଭିସାର କର।

*Alerted by the falling sound of a bird feather or stirring of a leaf, he prepares the bed of tender leaves and eyes your pathway anxiously and in anticipation.*



*ମୁଖରମଧୀରଂ ତ୍ୟଜ ମଞ୍ଜୀରଂ ରିପୁମିବ କେଳିଷୁ ଲୋଳମ୍।*
*ଚଳ ସଖି କୁଞ୍ଜଂ ସତିମିର ପୁଞ୍ଜଂ ଶୀଳୟ ନୀଳ-ନିଚୋଳମ୍।*

ଶୁଣ ତୁ ପ୍ରାଣର ସଖି ! ବଚନ ମୋହର।
ରୁଣିତ ଚଞ୍ଚଳ ଏ ନୂପୁର ଦୂର କର ଗୋ।
ରତିକେଳି କାଳେ ଏହୁ ରିପୁ ପ୍ରାଣମଣି।
ଗହନ ତିମିର କୁଞ୍ଜେ ଚଳସି ମିତଣି ଗୋ।
ସୁନୀଳ ବସନେ ତନୁ ପରିବୃତ କର।
ସ୍ୱଭାବେ ସୁବେଶ ହୋଇ ପଥ ଅନୁସର ଗୋ।

ହେ ସଖି, ରତିକେଳି ସମୟରେ, ଝୁମୁଝୁମୁ ହୋଇ ବାଜିଉଠୁଥିବା ଏବଂ ଚଳଚଞ୍ଚଳ ଏହି ଝୁଣ୍ଟିଆକୁ ପାଦରୁ ଖୋଲିଦିଅ, କାରଣ ଏହା ରତିକେଳି ସମୟରେ ବାଧା ସୃଷ୍ଟିକରିବ। ନିଜ ଅଙ୍ଗରେ ଶ୍ୟାମଳ ବସ୍ତ୍ର ପରିଧାନ କରି ଅନ୍ଧକାରରେ ଆଚ୍ଛନ୍ନ ସେହି ଶ୍ରୀକୃଷ୍ଣଙ୍କ କୁଞ୍ଜକୁ ଚାଲ। ଏହା ଫଳରେ ତୁମର ଅଭିସାର କେହି ଜାଣିପାରିବେ ନାହିଁ। ନୀଳ ଶାଢ଼ୀପରିଧାନ କରି ତୁମେ ଚୁପ୍‌ଚାପ୍ ଯାଇ ନିବିଡ଼ ଅନ୍ଧକାରମୟ କୁଞ୍ଜରେ ହଠାତ୍ ପ୍ରବେଶକଲେ, ଶ୍ରୀକୃଷ୍ଣ ମଧ ଆଶ୍ଚର୍ଯ୍ୟ ହୋଇଯିବେ।

*Undo your noisy anklets for they clang and betray like an enemy during dalliance.*
*Go to the darkened thicket dear friend wearing a blue garment to evade notice.*





*ଉରସି ମୁରାରେ-ରୁପହିତ-ହାରେ ଘନ ଇବ ତରଳ-ବଳାକେ।*
*ତଡିଦିବ ପୀତେ ରତି-ବିପରୀତେ ରାଜସି ସୁକୃତ-ବିପାକେ।*

| | |
|---|---|
| ବିପରୀତ ରତି କାଳେ ମୁକୁତାର ହାର। | ଅତି ସୁରଚିତ ମଧୁରିପୁ ହୃଦୟର ଗୋ। |
| ଯେସନେ ଶ୍ୟାମଳ ମେଘେ ବକପନ୍ତି ଶୋହେ। | ତବ ତନୁ ତଥିକି ତଡ଼ିତଲତା ପ୍ରାୟେ ଗୋ। |
| ଅନେକ କାଳରୁ ପୁଣ୍ୟ ଲଭିଛୁ ସୁନ୍ଦରି ! | ଚଳ ଏବେ ମୋହର ବଚନ ହେତୁ କରି ଗୋ। |

ଆଗୋ ଚମ୍ପାଗୋରି ! ତୁ ତୋର ପୁଣ୍ୟବଳରୁ ଏପରି ସୁଯୋଗ ଲାଭକରିଛୁ। ଶ୍ରୀକୃଷ୍ଣଙ୍କ ସହିତ ବିପରୀତରତି କାଳରେ ତୋର ଏହି ମୁକ୍ତାହାର ନୂଆମେଘସଦୃଶ ଶ୍ରୀକୃଷ୍ଣଙ୍କ ବକ୍ଷସ୍ଥଳରେ ଚଞ୍ଚଳ ବକମାଳିକା ପରି ଶୋଭାପାଇବ। ତୁ ନିଜେ ଅତ୍ୟନ୍ତ ଗୌରବର୍ଣ୍ଣା ହୋଇଥିବାରୁ, ସେତେବେଳେ ମେଘମାଳାରେ ପୀତବର୍ଣ୍ଣ ବିଜୁଳି ପରି ଆଭା ପ୍ରକାଶ କରି ତାଙ୍କ ସହିତ କେଳିରସରେ ମଜ୍ଜିଯିବୁ।

*Oh fair complexioned one, like the brightness of lightening, with opposit attributes in love, you will adorn the chest of Murāri like a necklace because of your good fortune and will appear like white cranes on dark clouds.*



*ବିଗଳିତ-ବସନଂ ପରିହୃତ-ରସନଂ ଘଟୟ ଜଘନମପିଧାନମ୍।*
*କିଶଳୟ-ଶୟନେ ପଙ୍କଜ-ନୟନେ ନିଧିମିବ ହର୍ଷ-ନିଧାନମ୍।*

---

ନବୀନ ପଲ୍ଲବ-ଶଯ୍ୟା ସୁବେଶ କରିଣ।
ତହିଁ ଯାଇ ପ୍ରବେଶ ହୋଇବୁ ଯେତେବେଳେ।
ଏ ତୋହର ରସନା-ବସନ ଦୂର କରି।
ତାହା ଦେଖି ହରଷ ହୋଇବ କୃଷ୍ଣ ମନ।

ତୋର ଆଶେ ବସିଛନ୍ତି ରାଜୀବଲୋଚନ ଗୋ।
କୃଷ୍ଣଙ୍କୁ ଦେଖିଣ ତୁ ମଜ୍ଜିବୁ କାମଭୋଳେ ଗୋ
ଘଟଣ ଘନଜଘନ ସମର୍ପିବୁ ହରି ଗୋ।
ନିଧି କି ପ୍ରାପତ ଯେହ୍ନେ ଦରିଦ୍ର ସଦନ ଗୋ।

---

ହେ ରାଧିକେ, କୋମଳ ପତ୍ରଶଯ୍ୟାରେ ଶୋଇଥିବା ବିରହୀ ରସରାଜ ଶ୍ରୀକୃଷ୍ଣଙ୍କୁ ଦେଖିବାମାତ୍ରେ ତୁମ ଅଙ୍ଗରୁ ପିନ୍ଧିଲା ବସନ ଓ ଅଣ୍ଟାରୁ କ୍ଷୁଦ୍ର ଘଣ୍ଟିକାଯୁକ୍ତ ଚନ୍ଦ୍ରହାର ଆପେ ଆପେ ଖସିପଡ଼ିବ। ତା' ଫଳରେ କେଳିରସରେ ଆନନ୍ଦ ପ୍ରଦାନକାରୀ ତଥା ଅମୂଲ୍ୟ ନିଧି ସ୍ୱରୂପ ତୁମ ଉଲଗ୍ନ ଜଘନଦେଶରେ ତୁମେ ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରି, ତାଙ୍କ ମନରେ ଅପୂର୍ବ ହର୍ଷ ସୃଷ୍ଟି କର।

---

*O lotus eyed one! You will give him great joy when on the bed of tender leaves,*
*You will place your loin undoing your clothes and discarding your girdle.*



ହରିରଭିମାନୀ ରଜନିରିଦାନୀ-ମିୟମପି ଯାତି ବିରାମମ୍।
କୁରୁ ମମ ବଚନଂ ସତ୍ୱର-ରଚନଂ ପୂରୟ ମଧୁରିପୁ-କାମମ୍

ହରି ଅଭିମାନୀ ବୋଲି ଜାଣୁ ତ ସୁନ୍ଦରି ! ଏଣୁକରି ତୋତେ ସଖି ! କହଇ ତିଆରି ଗୋ।
ହରିବେ ତୋହର ମନ ଜଗତ-ଜୀବନ। ବେଳୁବେଳ ବିଭାବରୀ ହେଉଅଛି କ୍ଷୀଣ ଗୋ।
ମୋହର ବଚନ ଘେନି ବେଗେ ସଜ ହୁଅ। ମଧୁରିପୁ ମନୋରଥ ବାଞ୍ଛା ତୁ ପୂରାଅ ଗୋ।

ହେ ସଖି, ଶ୍ରୀକୃଷ୍ଣ ଅତ୍ୟନ୍ତ ଅଭିମାନୀ ଅଟନ୍ତି। ଆଉ ବିଳମ୍ବ କରିବା ଉଚିତ ହେବନାହିଁ। ଦେଖ, ବର୍ତ୍ତମାନ ରାତି ପାହିଯିବାକୁ ବସିଲାଣି। ତେଣୁ ତୁ ଶୀଘ୍ର ମୋ' କଥାମାନି, ମଧୁରିପୁ ଶ୍ରୀକୃଷ୍ଣଙ୍କର ତୋତେ ପାଇବା ଏବଂ ତୋ' ସହିତ କେଳିରସରେ ମଜ୍ଜିବା ରୂପକ ଅଭିଳାଷକୁ ପୂରଣକର।

*Hari is proud. Night is running out.*
*Take my word, rush to Him and satiate Madhu's foe fully.*

ଶ୍ରୀ ଜୟଦେବେ କୃତ-ହରି-ସେବେ ଭଣତି ପରମ-ରମଣୀୟମ୍।
ପ୍ରମୁଦିତ-ହୃଦୟଂ ହରିମତି-ସଦୟଂ ନମତ ସୁକୃତ-କମନୀୟମ୍।

ଶ୍ରୀକୃଷ୍ଣ ସେବକ ଜୟଦେବ ଯାହା ଭଣି। ପ୍ରଣତଜନଙ୍କ ଦୟାକାରିଣୀ ଏ ବାଣୀ ଯେ।
କମନୀୟ କାନ୍ତିଧର ସୁପୁଣ୍ୟ ଦାୟକ। ହୁଅ ପ୍ରଣମିତେ ତାଙ୍କ ଚରଣସେବକ ହେ।

ହେ ଭକ୍ତଜନମାନେ ଶ୍ରୀମାଧବଙ୍କ ପଦସେବକ କବିରାଜ ଜୟଦେବ ଶ୍ରୀହରିଙ୍କ ଲୀଳାବର୍ଣ୍ଣିତ ପରମ ରମଣୀୟ ଗୀତ ରଚନା କରିଛନ୍ତି। ତୁମେମାନେ ସେହି କମନୀୟ କାନ୍ତିମାନ୍, ପୁଣ୍ୟପ୍ରଦାନକାରୀ, ସଦୟହୃଦୟ ତଥା ପ୍ରମୁଦିତ ଗୋବିନ୍ଦଙ୍କୁ ପ୍ରଣାମ କର।

*The great devotee of Hari, Sri Jayadeva, sings this enchanting song.*
*Bow to Hari whose heart is gentle, joyful and kind.*





ବିକିରତି ମୁହୁଃ ଶ୍ୱାସନାଶାଂ ପୁରୋ ମୁହୁରୀକ୍ଷତେ
ପ୍ରବିଶତି ମୁହୁଃ କୁଞ୍ଜଂ ଗୁଞ୍ଜନ୍ ମୁହୁର୍ବହୁ ତାମ୍ୟତି।
ରଚୟତି ମୁହୁଃ ଶଯ୍ୟାଂ ପର୍ଯ୍ୟାକୁଳଂ ମୁହୁରୀକ୍ଷତେ
ମଦନ-କଦନ-କ୍ଲାନ୍ତଃ କାନ୍ତେ ପ୍ରିୟସ୍ତବ ବର୍ତ୍ତତେ।

---

ସେ ତୋହର କାନ୍ତ ଅତି ଦୁଃଖେ ବର୍ତ୍ତିଅଛି। ନାସାଅଗ୍ରେ କେବଳ ନିଃଶ୍ୱାସ ବହୁଅଛି ଗୋ।।
କ୍ଷଣେ ମୂର୍ଚ୍ଛା ଯାଇ କ୍ଷଣେ ହୁଅଇ ସଚେତ। କ୍ଷଣେ କୁଞ୍ଜଗୃହେ ପଶି ଚାହିଁଇ ତ୍ୱରିତ ଗୋ।।
ମଦନକଦନେ ସଢ଼େ ତୋର ପ୍ରିୟତମ। କ୍ଷଣକେ ପଲ୍ଲବ ଶେଯ କରେ ବିରଚନ ଗୋ।।
ଆକୁଳ ହୋଇଣ ପୁଣ ପୁଣ ଯାଇ ମୋହ। ମଦନ ଦହନ କରୁଅଛି ତା'ର ଦେହ ଗୋ।।

---

ହେ ମନୋହାରିଣି ! ତୋର ପ୍ରାଣପ୍ରିୟ ଶ୍ରୀକୃଷ୍ଣ ବାରମ୍ବାର ନାସାରୁ ଖରଉଷ୍ଣନିଃଶ୍ୱାସ ଛାଡୁଛନ୍ତି। ତୋ' ଆଗମନ ପଥକୁ ବାର ବାର ଚାହିଁ ଚାହିଁ କ୍ଳାନ୍ତ ହୋଇପଡ଼ିଲେଣି। ତା' ବ୍ୟତୀତ ଧ୍ୟାନରେ ତୋ' ରୂପକୁ ଚିନ୍ତାକରି ନାସାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରିଛନ୍ତି। ତୋ' ଆଗମନରେ ବିଳମ୍ବ ହେବାରୁ, ଅତ୍ୟନ୍ତ ଅନୁତପ୍ତ ହୋଇ ବାରମ୍ବାର କୁଞ୍ଜକୁ ପ୍ରବେଶ କରୁଛନ୍ତି ଏବଂ ଶାନ୍ତି ନପାଇ ପୁଣି ଫେରିଆସି ତୋ' ଆଗମନ ପଥ ଚଉଦିଗକୁ ଚାହିଁ ବ୍ୟାକୁଳ ହେଉଛନ୍ତି। ସେ ଆହୁରି ମଧ୍ୟ ନାନା ପ୍ରକାର କୋମଳପତ୍ର ପକାଇ ମୁହୁର୍ମୁହୁଃ ଶେଯ ପ୍ରସ୍ତୁତ କରୁଛନ୍ତି। ହେ କାନ୍ତେ, କାମଶରରେ ଆକ୍ରାନ୍ତ ହୋଇ ତୋ' ପ୍ରିୟତମ ଏପରି ଭାବରେ କାମଦଶା ଭୋଗୁଛନ୍ତି।

---

*Look! Your dear one sighs incessantly glancing in all directions;*
*He enters the creeper hut and mumbles again and again; arranges the bed now and then and suffers the sting of the love-god's arrow, meditating upon Your form.*



*ତ୍ୱଦ୍ ବାମ୍ୟେନ ସମଂ ସମଗ୍ରମଧୁନା ତିଗ୍ମାଂଶୁରସ୍ତଂ ଗତୋ*
*ଗୋବିନ୍ଦସ୍ୟ ମନୋରଥେନ ଚ ସମଂ ପ୍ରାପ୍ତଂ ତମଃ ସାନ୍ଦ୍ରତାମ୍।*
*କୋକାନାଂ କରୁଣ-ସ୍ୱନେନ ସଦୃଶୀ ଦୀର୍ଘା ମଦଭ୍ୟର୍ଥନା*
*ତନ୍ମୁଗ୍ଧେ ବିଫଳଂ ବିଳମ୍ବନମସୌ ରମ୍ୟୋଽଭିସାର-କ୍ଷଣଃ।*

ଦେଖସି ଦିବସନାଥ ବେଗେ ଅସ୍ତ ଗଲା। ଗୋବିନ୍ଦ ବେଦନା ପରି ରଜନୀ ବଢ଼ିଲା ଗୋ।
ଚକ୍ରବାକ ବିଚ୍ଛେଦ କାରଣ ଅତି ରାବ। ମୋହର ପ୍ରାର୍ଥନା ତୋତେ ହେଲା ସେହି ଭାବ ଗୋ।
ଶୁଣ ତୁ ସୁନ୍ଦରି ! ଏ’ ତୋ’ ବିଳମ୍ବ ବିଫଳ। ରମ୍ୟସ୍ଥାନେ ଅଭିସାର କର ଏହୁ କାଳ ଗୋ।

ହେ ସଖି, ତୁମର ଦୀର୍ଘ ବିରହଜ୍ୱାଳାରୁ ନିର୍ଗତ ନିଃଶ୍ୱାସ ବାଷ୍ପରେ ବିବ୍ରତ ହୋଇ ସୂର୍ଯ୍ୟ ଅସ୍ତ ହୋଇଯାଇଛନ୍ତି। ଗୋବିନ୍ଦଙ୍କର ସାନ୍ଦ୍ର ମନୋରଥ ସଦୃଶ ରାତ୍ରିର ଅନ୍ଧକାର ମଧ୍ୟ ନିବିଡ଼ତର ହୋଇଗଲାଣି। ଚକ୍ରବାକ ଦମ୍ପତିର କରୁଣ ବିଳାପ ପରି ତୁମ ନିକଟରେ ମୋର ପ୍ରାର୍ଥନା ମଧ୍ୟ ଅତ୍ୟନ୍ତ ଦୀର୍ଘତର ହୋଇସାରିଲାଣି। ହେ ମୁଗ୍ଧେ ! ବର୍ତ୍ତମାନ ହେଉଛି ଅଭିସାରର ପ୍ରକୃତ ସମୟ। ବିଳମ୍ବ ନକରି ଶୀଘ୍ର ବେତସ କୁଞ୍ଜକୁ ଅଭିସାରରେ ବାହାରିପଡ଼। ଆଉ ବିଳମ୍ବ କଲେ, ତୁମ ମନୋରଥ ବିଫଳ ହୋଇପାରେ।

*Your spite wanes like the rays of the setting sun. The night gets thicker like the ardent desire of Gobinda. My entreaties have become too protracted like the pitiful cry of nightbird (cakorā). This is the time for the lovers to meet, so do not delay any more.*





*ଆଶ୍ଲେଷାଦନୁ ଚୁମ୍ବନାଦନୁ ନଖୋଲ୍ଲେଖାଦନୁ ସ୍ୱାନ୍ତଜ-*
*ପ୍ରୋଦ୍‌ବୋଧାଦନୁ ସଂଭ୍ରମାଦନୁ ରତାରମ୍ଭାଦନୁ ପ୍ରୀତୟୋଃ।*
*ଅନ୍ୟାର୍ଥଂ ଗତୟୋର୍ଭ୍ରମାନ୍‌ମିଳିତୟୋଃ ସମ୍ଭାଷଣୈର୍ଜ୍ଜାନତୋ*
*ର୍ଦମ୍ପତ୍ୟୋରିହ କୋ ନ କୋ ନ ତମସି ବ୍ରୀଡ଼ା-ବିମିଶ୍ରୋ ରସଃ।*

ବୋଲଇ ସଜନି ! ଏକଦିନେ ନିଶି ଘୋର। ଗୃହରୁ କୁଳଟା ବାମା କଲା ଅଭିସାର ଗୋ।
ତାହାର ବଲ୍ଲଭ ପର ରମଣୀର ଆଶେ। ସଙ୍କେତ ସ୍ଥାନକୁ ସେହୁ ଗମଇ ହରଷେ ଗୋ।
ନିବିଡ଼ ଅନ୍ଧାରେ ଭ୍ରମେ ଭେଟ ହେଉଁ ବେନି। ନିଜ ପତି ପତ୍ନୀ ବୋଲି ନ ପାରିଲେ ଚିହ୍ନି ଗୋ।
ଯାହାର ପାଇଁ ଗମନ୍ତି ତାହା ପ୍ରାୟ ମଣି। କରନ୍ତି ବିବିଧ କେଳିରସ ପରିମାଣି ଗୋ।
ଭୁଜେ ଭିଡ଼ି ଆଲିଙ୍ଗନ ବଦନେ ଚୁମ୍ବନ। କଠିନ କୁଚରେ ତୀକ୍ଷ୍ଣ ନଖକ୍ଷତମାନ ଗୋ।
ବଢ଼ିଲା ସୁରତି ସେ ଭାଷନ୍ତେ ମୃଦୁସ୍ୱରେ। ଜାଣି ଲାଜ ପାଇଲେକ ସୁରତି ଶେଷରେ ଗୋ।
ସାତ୍ତ୍ୱିକ ବିକାରେ କିଛି ନ ଜାଣିଲେ କେହି। ଗାଢ଼େଣ ସୁରତିରସ ଆରମ୍ଭିଲେ ତହିଁ ଗୋ।
ତେସନ ପ୍ରାୟେକ ଏହୁ ହୋଇଛି ରଜନୀ। ହରି ପାଶେ ଅଭିସାର କର ତୁ ମିତଣି ଗୋ।

ହେ ରାଧିକେ, ଏ ସମ୍ବନ୍ଧରେ ଗୋଟିଏ ଘଟଣା ବର୍ଣ୍ଣନା କରୁଛି ଶୁଣ। ନିବିଡ଼ ଅନ୍ଧକାର ମଧ୍ୟରେ ଗୋଟିଏ ପୁରୁଷ ଅନ୍ୟ ସ୍ତ୍ରୀର ଅନୁସରଣରେ ଚାଲିଥିଲା ଏବଂ ସେହି ପୁରୁଷର ପତ୍ନୀ ମଧ୍ୟ ପରପୁରୁଷକୁ କଣ୍ଟଦେଇ ଅନ୍ଧକାର ମଧ୍ୟରେ ଅଭିସାର କରୁଥିଲା। ଦୈବାତ୍ ଭ୍ରମବଶତଃ ଦୁହେଁ ଦୁହିଙ୍କୁ ଅନ୍ଧକାର ମଧ୍ୟରେ ଚିହ୍ନିନପାରି ନିଜନିଜର ଈପ୍‌ସିତ ପ୍ରଣୟୀ ଓ ପ୍ରଣୟିନୀ ବୋଲି ଭାବି ଆଲିଙ୍ଗନ, ଚୁମ୍ବନ, ନଖକ୍ଷତ, କାମଭାବଜାତ, ସୁରତ ଆରମ୍ଭ ଓ ରତିକେଳି ସାରିବା ପରେ ଆନନ୍ଦରେ ଆଳାପ କରିବା ପରେ ଦୁହେଁ ଦୁହିଙ୍କୁ ଚିହ୍ନିପାରି ଲଜ୍ଜିତ ହୋଇଥିଲେ। ତା' ଫଳରେ ଦୁହେଁ ପରସ୍ପରର ଦୋଷ ଅବଗତ ହୋଇ ଆନନ୍ଦରେ ଅଧୀର ହୋଇଉଠିଥିଲେ। ଏହାହିଁ ହେଉଛି ନିବିଡ଼ ଅନ୍ଧକାରର ଅବଦାନ। ତେଣୁ ଏହି ନିବିଡ଼ ଅନ୍ଧକାର ମଧ୍ୟରେ ଆଉ ବିଳମ୍ବ ନକରି ଚାଲ, ଅନ୍ୟଥା ପୂର୍ବୋକ୍ତ ପତିପତ୍ନୀଙ୍କ ପରି ହୁଏତ ଶ୍ରୀକୃଷ୍ଣ ତୋତେ ମନେକରି ଆଉ କା' ସହିତ ମିଳିତ ହୋଇପାରନ୍ତି।

*A wife and husband, who had gone out for amorous dalliance with another man and woman met by mistake in deep darkness and could not recognise themselves. One assuming the other to be the esteemed lover, they embraced, kissed, clawed and when desire rose to dizzying heights consumated the dalliance with pleasure. Later on when they addressed each other the recognisation came out and the mood changed to shame for betrayal.*





*ସଭୟ-ଚକିତଂ ବିନ୍ୟସ୍ୟନ୍ତୀଂ ଦୃଶଂ ତିମିରେ ପଥି*
*ପ୍ରତି-ତରୁ ମୁହୁଃ ସ୍ଥିତ୍ୱା ମନ୍ଦଂ ପଦାନି ବିତନ୍ୱତୀମ୍।*
*କଥମପି ରହଃ ପ୍ରାପ୍ତାମଙ୍ଗୈରନଙ୍ଗ ତରଙ୍ଗିଭିଃ*
*ସୁମୁଖି ସୁଭଗଃ ପଶ୍ୟନ୍ ସ ତ୍ୱାମୁପୈତୁ କୃତାର୍ଥତାମ୍।*

---

ସଭୟ ଚକିତେ ମନ କରି ଛନଛନ। ଗହନ ତିମିର ପଥେ କରସି ଗମନ ଗୋ।
ତରୁତଳେ କ୍ଷଣେ କ୍ଷଣେ ବିଶ୍ରାମ କରିବୁ। ସଧୀରେ ସଧୀରେ କୁଞ୍ଜସଦନେ ମିଳିବୁ ଗୋ।
ଶୁଭଯୋଗେ ସୁମୁଖି ! କରସି ଅନୁକୂଳ। ଏ ମୋର ବଚନେ ସଖି ! ନ କରସି ହେଳ ଗୋ।
ଅନଙ୍ଗ ତରଙ୍ଗେ ତରଳିବ ତୋର ତନୁ। କୃତାର୍ଥ ହୋଇବେ ତୋତେ ଦେଖି ନନ୍ଦସୂନୁ ଗୋ।

---

ହେ ସଖି, ତୁମେ ଅଭିସାରରେ ଯିବାବେଳେ କାଳେ କିଏ ତୁମକୁ ଦେଖିଦେଉଛି କି ଭାବି, ଭୟବିହ୍ୱଳ ଚିତ୍ତରେ ଚାରିଆଡ଼କୁ ଚାହିଁ ଚାହିଁ ଧୀରେ ଧୀରେ ଛପି ଛପି ଯାଉଥିବ। ପ୍ରତି ବୃକ୍ଷମୂଳରେ କାଳେ ଶ୍ରୀକୃଷ୍ଣ ଲୁଚିଛନ୍ତି କି ବୋଲି ଭାବି କ୍ଷଣକାଳ ରହି ରହି ଧୀରମନ୍ଥର ଗତିରେ ଚାଲିଥିବ। ତୁମ ହୃଦୟରେ କାନ୍ତ ସହିତ ମିଳନ କାମନା ଜନିତ କାମତରଙ୍ଗ ଖେଳିଯାଇଥିବ ଏବଂ ହଠାତ୍ ତୁମେ ଯାଇ ପ୍ରାଣପ୍ରିୟଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବ ବୋଲି ଭାବି ମନେମନେ ଉଲ୍ଲସିତା ହୋଇଉଠିଥିବ। ରେ ସୁମୁଖି ! ଏପରି ଅବସ୍ଥାରେ ତୁମକୁ ତୁମର ପ୍ରାଣପ୍ରିୟ ଦେଖିଲେ କୃତକୃତ୍ୟ ହୋଇଯିବେ।

---

*O angelic beauty! When You walk on the dark pathway,*
*casting frightened glances, and stop at every tree as You proceed slowly,*
*passion shall surge in Your body like waves and it will please Him immensely.*